# ଓଡ଼ିଶାର ମାନ୍ୟବର ରାଜ୍ୟପାଳ
# ଡକ୍ଟର ଏସ୍.ସି. ଜମିର



୨୦୧୩ ମସିହା ମାର୍ଚ୍ଚ ମାସ ୨୧ ତାରିଖ ଦିନ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡକ୍ଟର ଏସ୍.ସି. ଜମିର ରାଜଭବନ ଅଭିଷେକ ସଭାକକ୍ଷରେ ଶପଥ ଗ୍ରହଣ କରିଥିଲେ । ରାଜଭବନରେ ଆୟୋଜିତ ଏହି ଉତ୍ସବରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ତତ୍କାଳୀନ ମାନ୍ୟବର ମୁଖ୍ୟ ବିଚାରପତି ଶ୍ରୀଯୁକ୍ତ ସି. ନାଗାପାନ୍ ତାଙ୍କୁ ଶପଥ ପାଠ କରାଇଥିଲେ ।

୧୯୩୧ ମସିହା ଅକ୍ଟୋବର ୧୭ ତାରିଖ ଦିନ ନାଗାଲାଣ୍ଡର ବର୍ତ୍ତମାନ ମୋକକ୍‌ଚଙ୍ଗ ଜିଲ୍ଲା ଅନ୍ତର୍ଗତ ଉଙ୍ଗ୍‌ମା ନାମକ ଏକ ପ୍ରଗତିଶୀଳ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ଡ. ଏସ୍.ସି. ଜମିର ଏବଂ ମୋକ୍‌କ୍‌ଚୁଂଗଠାରେ ସେ ତାଙ୍କର ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିଲେ । ତତ୍‌ପରେ ସେ ଆହ୍ଲାବାଦ ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ଲାଭ କରି ସେଠାରୁ ୧୯୫୮ ମସିହାରେ କଳାରେ ସ୍ନାତକ ହେବା ସହ ଆଇନ୍ ଶିକ୍ଷା ଶେଷ କରିଥିଲେ ।

ଡକ୍ଟର ଜମିର ୧୯୫୪ରୁ ୧୯୫୭ ମସିହା ପର୍ଯ୍ୟନ୍ତ ଆହ୍ଲାବାଦ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କର ଖ୍ରୀଷ୍ଟୀୟ ଆନ୍ଦୋଳନର ସଭାପତି ପଦରେ ରହି ଛାତ୍ର ତଥା ଖ୍ରୀଷ୍ଟୀୟ କାର୍ଯ୍ୟକଳାପରେ ସକ୍ରୀୟଭାବେ ଜଡିତ ଥିଲେ । ୧୯୬୦ ମସିହାରେ ନାଗାଲାଣ୍ଡ ଏକ ସ୍ୱତନ୍ତ୍ର ରାଜ୍ୟ ଭାବରେ ପ୍ରତିଷ୍ଠିତ ହେବା ନିମନ୍ତେ ଭାରତ ସରକାରଙ୍କ ସହ ହୋଇଥିବା ଐତିହାସିକ ରାଜିନାମାରେ ସେ ଅନ୍ୟତମ ସ୍ୱାକ୍ଷରକାରୀ ଥିଲେ ।

ଡକ୍ଟର ଜମିର ୧୯୬୧ ମସିହା ନିର୍ବାଚନରେ ନାଗାଲାଣ୍ଡ ରାଜ୍ୟର ପ୍ରଥମ ସାଂସଦ ହେବାର ଗୌରବ ଅର୍ଜନ କରିଥିଲେ । ସେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦାୟିତ୍ୱ ସହିତ ପ୍ରଥମ ପ୍ରଧାନମନ୍ତ୍ରୀ ଭାବରେ କାର୍ଯ୍ୟରତ ପଣ୍ଡିତ ଜବାହର ଲାଲ ନେହେରୁଙ୍କ ସହ ସଂସଦୀୟ ସଚିବ ଭାବରେ କାର୍ଯ୍ୟ କରିବାର ବିଶେଷାଧିକାର ପ୍ରାପ୍ତ ହୋଇଥିଲେ ।

୧୯୬୬ରୁ ୧୯୭୦ ମସିହା ପର୍ଯ୍ୟନ୍ତ ଡକ୍ଟର ଜମିର କେନ୍ଦ୍ର ସରକାରଙ୍କ ରେଳ, ଶ୍ରମ ଏବଂ ଥଇଥାନ, ଗୋଷ୍ଠିଉନ୍ନୟନ, ସମବାୟ, ଖାଦ୍ୟ ଏବଂ କୃଷି ବିଭାଗର ଉପମନ୍ତ୍ରୀଭାବେ କାର୍ଯ୍ୟ କରିଥିଲେ । ୧୯୬୨ ମସିହାରେ ମିଳିତ ଜାତିସଂଘର ଭାରତୀୟ ପ୍ରତିନିଧି ଦଳରେ ସେ ମଧ୍ୟ ରାଜନୈତିକ ପରାମର୍ଶଦାତା ଥିଲେ । ଜେନେଭାଠାରେ ୧୯୬୮ ମସିହାରେ ଆୟୋଜିତ ଆନ୍ତର୍ଜାତିକ ଶ୍ରମ ସଂଗଠନରେ ଯୋଗଦେଇଥିବା ପ୍ରତିନିଧି ମଣ୍ଡଳରେ ସେ ମଧ୍ୟ ଜଣେ ସଭ୍ୟଥିଲେ । ଏକ ଉଚ୍ଚକ୍ଷମତାସମ୍ପନ୍ନ ଭାରତୀୟ ପ୍ରତିନିଧି ଦଳର ଉପନେତାଭାବେ ୧୯୬୯ ମସିହାରେ ମାନିଲାଠାରେ ଆୟୋଜିତ ଆନ୍ତର୍ଜାତିକ ସାମାଜିକ କଲ୍ୟାଣ ସମ୍ମିଳନୀରେ ଡକ୍ଟର ଜମିର କାର୍ଯ୍ୟ କରିଛନ୍ତି ।

୧୯୭୧ ମସିହାରେ ଡକ୍ଟର ଜମିର ପ୍ରଥମଥର ପାଇଁ ନାଗାଲାଣ୍ଡ ବିଧାନସଭାକୁ ନିର୍ବାଚିତ ହେବା ପରଠାରୁ ସେ ପରବର୍ତ୍ତୀ କାଳରେ ଲଗାତରଭାବେ ବିଧାନସଭା ସଭ୍ୟପଦ ବଜାୟ ରଖି ଆସିଛନ୍ତି । ବିଭିନ୍ନ କ୍ଷମତାର ଅଧିକାରୀ ହୋଇଛନ୍ତି ।

୧୯୮୦ ମସିହାରୁ ୨୦୦୩ ମସିହା ପର୍ଯ୍ୟନ୍ତ ସେ ନାଗାଲାଣ୍ଡବାସୀଙ୍କର ସେବାକରି ଆସିଛନ୍ତି । ସେ ପାଞ୍ଚଥର ନାଗାଲାଣ୍ଡର ମୁଖ୍ୟମନ୍ତ୍ରୀ ପଦ ଅଳଂକୃତ କରି ନାଗାଲାଣ୍ଡ ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛନ୍ତି । ନାଗାଲାଣ୍ଡର ଉନ୍ନତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡକ୍ଟର ଜମିରଙ୍କୁ ଆଧୁନିକ ନାଗାଲାଣ୍ଡର ସ୍ଥପତିମାନଙ୍କ ମଧ୍ୟରେ ଅନ୍ୟତମ ସମ୍ମାନ ସ୍ୱଦ ସ୍ଥପତି ଭାବେ ବିବେଚନା କରାଯାଏ । ସେ ମଧ୍ୟ କଂଗ୍ରେସ କାର୍ଯ୍ୟକାରିଣୀ କମିଟିର ସଭ୍ୟ ଥିଲେ । ୨୦୦୪ ମସିହା ଜୁଲାଇ ୧୭ ତାରିଖରେ ଡକ୍ଟର ଜମିର ଗୋଆର ରାଜ୍ୟପାଳ ଭାବେ ଅବସ୍ଥାପିତ ହୋଇ ଜୁଲାଇ ୨୦୦୮ ମସିହା ପର୍ଯ୍ୟନ୍ତ କାର୍ଯ୍ୟ କରିଛନ୍ତି । ତତ୍‌ସହିତ ମହାରାଷ୍ଟ୍ରର ପୂର୍ଣ୍ଣକାଳୀନ ରାଜ୍ୟପାଳଭାବେ ଦାୟିତ୍ୱ ନେବା ପର୍ଯ୍ୟନ୍ତ ସେ ମହାରାଷ୍ଟ୍ରର ରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱରେ ଥିଲେ । ୨୦୦୮ ମସିହା ମାର୍ଚ୍ଚ ୯ ତାରିଖରୁ ୨୦୧୦ ମସିହା ଜାନୁଆରୀ ୨୨ ତାରିଖ ପର୍ଯ୍ୟନ୍ତ ସେ ମହାରାଷ୍ଟ୍ରର ରାଜ୍ୟପାଳ ଭାବେ ଦାୟିତ୍ୱ ତୁଲାଇଥିଲେ । ଏଥିସହିତ ପୁନର୍ବାର ଡକ୍ଟର ଜମିର ୨୦୦୯ ଜୁଲାଇ ୨୪ ତାରିଖରୁ ୨୦୦୯ ନଭେମ୍ବର ୨୬ ତାରିଖ ପର୍ଯ୍ୟନ୍ତ ଗୁଜୁରାଟର ରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱ ସମ୍ପାଦନ କରିଥିଲେ । ସଂପ୍ରତି ଡକ୍ଟର ଜମିର ୨୦୧୩ ମାର୍ଚ୍ଚ ମାସ ୨୧ ତାରିଖଠାରୁ ଓଡ଼ିଶାର ରାଜ୍ୟପାଳ ଭାବରେ ଅବସ୍ଥାପିତ ହୋଇଅଛନ୍ତି ।

ଦେଶ ଓ ଜାତି ପ୍ରତି ତାଙ୍କର ପ୍ରଶଂସନୀୟ ସେବା ପାଇଁ ଡ. ଜମିର ଅନେକଗୁଡ଼ିଏ ସମ୍ମାନଜନକ ପୁରସ୍କାର ଲାଭ କରିଛନ୍ତି, ସେଗୁଡ଼ିକ ମଧ୍ୟରେ ଜାତୀୟ ସଂହତି କମିଟି ପ୍ରଦତ୍ତ ରାଷ୍ଟ୍ରୀୟ ଏକତା ପୁରସ୍କାର, ଜାତୀୟ ନାଗରିକ ସମ୍ମାନ, ବ୍ୟାଙ୍କ୍‌ର ଆର୍କ ଅଫ୍ ଏସିଆ ଆୱାର୍ଡ, ଆମେରିକାନ୍ ବାୟୋଗ୍ରାଫିକାଲ୍ ପ୍ରତିଷ୍ଠାନ ପ୍ରଦତ୍ତ ପ୍ରଖ୍ୟାତ ନେତୃତ୍ୱ ପୁରସ୍କାର 'ମ୍ୟାନ୍ ଅଫ୍ ଦି ଇୟର୍' ୧୯୯୮ ଇତ୍ୟାଦି ଅନ୍ୟତମ । ଜାତୀୟ ଏକତା ଓ ଅଖଣ୍ଡତା ନିମନ୍ତେ ତାଙ୍କର କାର୍ଯ୍ୟ, ନାଗା ରାଜନୈତିକ ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ଏବଂ ନାଗା ରାଜନୈତିକ ସଚେତନତା ଆନ୍ଦୋଳନର ପୁରୋଧାମାନଙ୍କ ମିଶ୍ରଣ ତଥା ସେମାନଙ୍କର ସଫଳ ଥଇଥାନ ପ୍ରଭୃତି ତାଙ୍କ ଜୀବନର ବିରଳ କୃତିତ୍ୱ । ଜାତିର ଏକତା ଏବଂ ଅଖଣ୍ଡତା ନିମନ୍ତେ ପ୍ରଚେଷ୍ଟା, ନାଗାମାନଙ୍କର ରାଜନୈତିକ ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ତଥା ସହାବସ୍ଥାନ ଏବଂ ନାଗା ରାଜନୈତିକ ଜାଗରଣର ଶକ୍ତି ସାଜିଥିବା ମଙ୍ଗୁଆଳମାନଙ୍କର ମର୍ଯ୍ୟଦାପୂର୍ଣ୍ଣ ଥଇଥାନ ଭଳି କାର୍ଯ୍ୟାବଳୀ ତାଙ୍କ ଜୀବନର ଅଭୁଲା ସ୍ମୃତି । ଡକ୍ଟର ଜମିର ୧୯୫୮ ମସିହାରେ ଶ୍ରୀମତୀ ଆଲେମ୍‌ଲା ଜମିରଙ୍କୁ ବିବାହ କରିଥିଲେ । ଡକ୍ଟର ଜମିର ଏକାଧାରରେ ଜଣେ ଓଜସ୍ୱିନୀ ବକ୍ତା, ଖ୍ୟାତନାମା ଲେଖକ ଏବଂ ଜଣେ ସଫଳ ରାଜନୀତିଜ୍ଞ । ଇତିହାସ, ଜୀବନୀ ଚରିତ ଏବଂ ସାଂପ୍ରତିକ ବ୍ୟାପାର ସମ୍ପର୍କିତ ପୁସ୍ତକ ପାଠ କରିବାକୁ ସେ ଭଲ ପାଇବା ସହ ବ୍ୟାଡମିଣ୍ଟନ ଖେଳିବା ରୁଚି ରଖନ୍ତି । ସେ ଜଣେ କ୍ରୀଡାପ୍ରିୟ ବ୍ୟକ୍ତି ମଧ୍ୟ ଅଟନ୍ତି ।

❖ ❖ ❖